## ସଂକ୍ଷେପରେ

### ଦୀନ ଦୟାଲ୍ ଉପାଧ୍ୟାୟଙ୍କ ଜୟନ୍ତୀ



**ବ୍ରହ୍ମପୁର ଅଫିସ୍,୨୫ା୯:** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ବହୁମୁଖୀ ସଂଘ ପକ୍ଷରୁ ମଙ୍ଗଳବାର ସକାଳେ ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ଦୀନଦୟାଲ୍ ଉପାଧ୍ୟାୟଙ୍କ ୧୦୩ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା । ଏଥିରେ ରାମ ପାତ୍ର, ପ୍ରହଲ୍ଲାଦ ପାଣିଗ୍ରାହୀ, ଅଶୋକ ନିମାଇଁ, ଭାଗୀରଥି ପାଣିଗ୍ରାହୀ, ସନ୍ଦେଶ ଦାସ, ରିଙ୍କୁ ମାଝି, ହେମନ୍ତ କୁମାର ପାତ୍ର, ମୁନା ପାଢ଼ୀ, ଦିବ୍ୟରଞ୍ଜନ ଦାସ, ପ୍ରବୀଣ କୁମାର ସେଠୀ, ଟୁନ୍ନୁ, ରବୀନ୍ଦ୍ର ବେହେରା, ରିଟନ୍ କୁମାର, ଟୁନ୍ନୁ, ରାଜେନ୍ଦ୍ର କୁମାର ନାୟକ, କୃଷ୍ଣ ବେହେରା, କିରଣ କୁମାର ସାହୁ, କୋମଲ କୁମାର ପାତ୍ର, ମଧୁସୂଦନ ସାହୁ, ସନ୍ତୋଷ ସାହୁ ଓ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଜାତୀୟ ପୁଷ୍ଟି ସପ୍ତାହ ପାଳିତ




**ବ୍ରହ୍ମପୁର ଅଫିସ,୨୫ା୯:** ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ବିଜିପୁର ଅଙ୍ଗନୱାଡି ସେକ୍ଟର ପକ୍ଷରୁ ବିଜିପୁର କାଲୁଆ ମନ୍ଦିରରେ ଜାତୀୟ ପୁଷ୍ଟି ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଏ ଅଧକ୍ଷ ସୁବାସ ମହାରଣା, କର୍ପୋରେଟର ସଂଘମିତ୍ରା ଦଳାଇ, ମମତା ରାଣୀ ରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଗର୍ଭବତୀ ଓ ଜନ୍ମିତ ଶିଶୁଙ୍କ କ୍ଷେତ୍ରରେ ପୁଷ୍ଟିସାର ଜାତୀୟ ଖାଦ୍ୟର ଆବଶ୍ୟକତା ଉପରେ ବିଧାୟକ ଚ୍ୟାଉପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ଜନ୍ମରୁ ୨ବର୍ଷ ମଧରେ ଶିଶୁର ଶାରିରୀକ ଓ ମାନସିକସ୍ତରରେ ଅଭିବୃଦ୍ଧି ଘଟିଥାଏ। ଏଥିପାଇଁ ଶିଶୁଙ୍କୁ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ପ୍ରଦାନ କରିବାର ଆବଶ୍ୟକତା ରହିଛି। ଏଥିପ୍ରତି ପ୍ରତ୍ୟକ ମା' ସଚେତନ ହେବା ଜରୁରି ବୋଲି ଅତିଥିମାନେ ମତ ଦେଇଥିଲେ। ସୁପରଭାଇଜର ଲକ୍ଷ୍ମୀ ସାବତ ଓ ପଦ୍ମିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସେକ୍ଟର ସମସ୍ତ ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ । ଏହି ଅବସରରେ ପୃଷ୍ଟିସାର ଖାଦ୍ୟର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଶିଶୁଙ୍କ ଓଜନ ମାପ କରାଯାଇ ସୁସ୍ଥ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା ।

### ଏନ୍ଏସ୍ଏସ୍ ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ




**ବ୍ରହ୍ମପୁର ଅଫିସ୍,୨୫ା୯:** ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା(ଏନ୍ଏସ୍ଏସ୍), ଯୁବ ରେଡକ୍ରସ୍ ଏବଂ ଆଇକ୍ୟୁଏସିର ମିଳିତ ଆନୁକୁଲ୍ୟରେ ଏନ୍ଏସ୍ଏସ୍ର ୫୦ତମ ପ୍ରତିଷ୍ଠା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ତଥା ଏନ୍ଏସ୍ଏସ୍ ବଏଜ୍ ୱିଙ୍ଗ୍ ଅଧିକାରୀ ଡ. ବିଆର୍ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଡି. ମିଶ୍ର, ଆଇକ୍ୟୁଏସିର ସଂଯୋଜକ ପି. ଖାଡ଼ଙ୍ଗା, ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ଅଧିକାରୀ ସିଆର୍. ମହାନ୍ତି, ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କୁ ଏହି ଦିବସର ମହାନତା, ଏନ୍ଏସ୍ଏସ୍ର ଗୁରୁତ୍ୱ ଏବଂ ଉପଯୋଗିତା ବିଷୟରେ ଅବଗତ କରାଇବା ସହ ସମସ୍ତେ ଏଥିରେ ସାମିଲ୍ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏକ କ୍ଷୁଦ୍ର ନାଟକ ପ୍ରଦର୍ଶିତ ହୋଇଥିଲା । ଅଧ୍ୟାପିକା ତଥା ଏନ୍ଏସ୍ଏସ୍ ଗାର୍ଲସ ୱିଙ୍ଗ୍ର ଅଧିକାରୀ ଏସ୍. ଅପରାଜିତା ମହାବିଦ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସେହିଭଳି ପଦାର୍ଥ ବିଜ୍ଞାନ ବିଭାଗର ସେମିନାର୍ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

■ ଆନ୍ଦୋଳନ ତରିକା ବଦଳାଇଲା ମିଳିତ ମଞ୍ଚ

# ପରୀକ୍ଷା ହଲ୍‌ରେ କଳାବ୍ୟାଜ୍ ପରିଧାନ

**ବ୍ରହ୍ମପୁର ଅଫିସ୍,୨୫ା୯**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ପୂର୍ଣ୍ଣ ଅନୁଦାନ ଏବଂ ଅନ୍ୟାନ୍ୟ ଦାବି ନେଇ ଅଗଷ୍ଟ ୧୬ରୁ ଆନ୍ଦୋଳନ ଚାଲିଛି। ଭୁବନେଶ୍ୱର ସମେତ ପ୍ରତ୍ୟକ ବ୍ଲକ ଯାଏ ଆନ୍ଦୋଳନ ବ୍ୟାପିବାରେ ଲାଗିଛି। ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଠପ୍ ହୋଇଯାଇଛି। ଶିକ୍ଷକମାନେ ଆନ୍ଦୋଳନ କରୁଥିବା ଯୋଗୁ ବିଦ୍ୟାଳୟକୁ ଯାଉନାହାନ୍ତି। ଅନ୍ୟପଟେ ଛାତ୍ରୀଛାତ୍ରମାନେ ମଧ୍ୟ ଶିକ୍ଷକ ନ ଥିବା ଯୋଗୁ ବିଦ୍ୟାଳୟ ଯିବାକୁ ସକ୍ଷମ ହେଉନାହାନ୍ତି। ଫଳରେ ଏକ ଅଚଳାବସ୍ଥା ଦେଖାଦେଇଛି । ଅନ୍ୟପଟେ ସୋମବାରରୁ ଦଶମ ଶ୍ରେଣୀ ପ୍ରିଟେଷ୍ଟ ଆରମ୍ଭ ହୋଇଯାଇଛି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶିକ୍ଷକମାନେ ଆନ୍ଦୋଳନ ସାମାନ୍ୟ କୋହଳ କରିଛନ୍ତି। ସେମାନେ ଆନ୍ଦୋଳନ କରୁଥିଲେ ମଧ୍ୟ ବିଦ୍ୟାଳୟକୁ କଳାବ୍ୟାଜ୍ ପିନ୍ଧି ଆସୁଛନ୍ତି, ପରୀକ୍ଷା ପରିଚାଳନା କରୁଛନ୍ତି । ଏପରିକି ଯେଉଁ ଅଭିଭାବକମାନେ ବିଦ୍ୟାଳୟକୁ ଆସୁଛନ୍ତି, ସେମାନଙ୍କ ମଧ୍ୟ ଆନ୍ଦୋଳନ ସମ୍ପର୍କରେ ଅବଗତ କରାଯାଉଛି । ଅପରପକ୍ଷେ ଦୀର୍ଘ ୪୦ଦିନ ହେଲା ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଥିବା ଯୋଗୁ ଛାତ୍ରୀଛାତ୍ରମାନେ ପାଠ୍ୟଖସଡ଼ା ସାରିନାହାନ୍ତି। ଏଭଳି ସ୍ଥଳେ ପରୀକ୍ଷାକୁ ନେଇ ସେମାନେ ମଧ୍ୟ ନାନା ଆଶଙ୍କାରେ ରହିଛନ୍ତି।



ପରୀକ୍ଷା ହଲ୍ ଭିତରେ ଶିକ୍ଷକମାନେ କଳାବ୍ୟାଜ୍ ପିନ୍ଧିଛନ୍ତି ।

■ ପାଠ ନ ପଢ଼ି ଛାତ୍ରୀଛାତ୍ର ଦେଉଛନ୍ତି ପରୀକ୍ଷା

■ ଗାନ୍ଧୀ ଜୟନ୍ତୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଯେଉଁମାନେ ଘରୋଇ ଟିଉସନ୍‌କୁ ଯାଉଥିଲେ, ସେମାନେ ପରୀକ୍ଷାରେ ଉତ୍ତର ଲେଖିବାରେ କଷ୍ଟ ଅନୁଭବ କରୁନାହାନ୍ତି। ଯେଉଁ ଛାତ୍ରୀଛାତ୍ରମାନେ ଟିଉସନ୍‌କୁ ଯାଉ ନ ଥିଲେ, ସେମାନେ ପାଠ୍ୟଖସଡ଼ା ଅନୁଯାୟୀ ପ୍ରସ୍ତୁତ ହୋଇନାହାନ୍ତି । ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଗୋଟିଏ ପଟେ ଶିକ୍ଷକଙ୍କ ଆନ୍ଦୋଳନ ଚାଲିଥିବା ବେଳେ ଅନ୍ୟପଟେ ପରୀକ୍ଷା ଆୟୋଜନକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଗଞ୍ଜାମ ଜିଲାରେ ୧୮୧ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ରହିଛି । ସେଥିରୁ ୫୪ ବିଦ୍ୟାଳୟରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀ ଥିବା ବେଳେ ବଳକା ବିଦ୍ୟାଳୟଗୁଡ଼ିକରେ କେବଳ ନବମ ଏବଂ ଦଶମ ଶ୍ରେଣୀ ରହିଛି । ଗଞ୍ଜାମ ଜିଲାରେ ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ମୋଟ ୩୧ହଜାର ୬୪୯ ଛାତ୍ରୀଛାତ୍ର ପଢୁଛନ୍ତି। ଶିକ୍ଷକ ଏବଂ କର୍ମଚାରୀଙ୍କୁ ମିଶାଇ ମୋଟ ୧୯୪୨ଜଣ କାର୍ଯ୍ୟ କରୁଛନ୍ତି । ପ୍ରତ୍ୟକ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ୮ ଶିକ୍ଷକ ଏବଂ ୪ଜଣ ଅଣଶିକ୍ଷକଙ୍କୁ ମିଶାଇ ମୋଟ ୧୨ଜଣଙ୍କୁ ନିଯୁକ୍ତି ମିଳିଥାଏ । ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ୨ଜଣ କଳା ଏବଂ ଜଣେ ଲେଖାଏ ଗଣିତ, ଜୀବ ବିଜ୍ଞାନ, ହିନ୍ଦୀ, ସଂସ୍କୃତ ଓ ଖେଳ ଶିକ୍ଷକଙ୍କ ସମେତ ୪ଜଣ ଅଣଶିକ୍ଷକ ହେଲେ କ୍ଲର୍କ, ପିଅନ, ବିଜ୍ଞାନ ଆଟେଣ୍ଡାଣ୍ଟ ଏବଂ ଜଣେ ରାତ୍ରି ଜଗୁଆଳି । ପୂର୍ଣ୍ଣଅନୁଦାନ, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ସୁଯୋଗ ଏବଂ ଅନ୍ୟାନ୍ୟ ଦାବି ନେଇ ଅଗଷ୍ଟ ୧୬ତାରିଖରୁ ଆନ୍ଦୋଳନ ଚାଲୁଛି ।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଗଞ୍ଜାମ ଜିଲା ଆବାହକ ବିଜୟ ବେହେରା କହିଛନ୍ତି, ଆନ୍ଦୋଳନ ପ୍ରତ୍ୟାହୃତ ହୋଇନି । ଏହା କ୍ରମଶଃ ଉଗ୍ର ହେବାରେ ଲାଗିଛି । ଦଶମ ଶ୍ରେଣୀର ପ୍ରି-ବୋର୍ଡ଼ ଟେଷ୍ଟ ପରୀକ୍ଷା ଆରମ୍ଭ ହୋଇଯାଇଛି । ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦେଖି ଶିକ୍ଷକମାନେ ପରୀକ୍ଷା ପରିଚାଳନାରେ ସାମିଲ୍ ହୋଇଛନ୍ତି । କାରଣ ଶିକ୍ଷକମାନେ କାର୍ଯ୍ୟରେ ଯୋଗ ନ ଦେଇଥିଲେ ପରୀକ୍ଷା ହୋଇପାରି ନ ଥାନ୍ତା। ସରକାରୀ ବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ହୋଇଥାନ୍ତା। ବ୍ଲକଗ୍ରାଣ୍ଟ ବିଦ୍ୟାଳୟର ପିଲାମାନେ ପଛରେ ପଡ଼ିଯାଇଥାନ୍ତେ । ଅନ୍ୟପଟେ ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସେହିଭଳି ବର୍ତ୍ତମାନ ଭୁବନେଶ୍ୱରରେ ଦିନକୁ ଦୁଇଟି ଜିଲାର ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି । ଏହି କ୍ରମରେ ଆସନ୍ତା ୬ ତାରିଖରେ ଗଞ୍ଜାମ ଏବଂ ଗଜପତିର ଶିକ୍ଷକମାନେ ଧାରଣାରେ ସାମିଲ୍ ହେବେ । ଆନ୍ଦୋଳନର ତୀବ୍ରତର ହେବ ବୋଲି ସେ ପ୍ରକାଶ କରିଛନ୍ତି ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ଶୁଭାଶିଷ



@ ଦେବାଶିଷ



@ ସମୀର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ତୃତୀୟ ଦିନରେ ଆର୍ଯ୍ୟଭଟ୍ଟର ପଲିଥିନ ବର୍ଜନ ଅଭିଯାନ

# ଟିଫିନ, ବ୍ୟାଗ ଧରି ବଜାରକୁ ଯିବାକୁ ପରାମର୍ଶ




ସଦସ୍ୟମାନେ ପୋଷ୍ଟର ମାଧମରେ ପଲିଥିନ ପ୍ଲାଷ୍ଟିକ ବର୍ଜନ ନେଇ ସଚେତନ କରାଉଛନ୍ତି ।

**ବ୍ରହ୍ମପୁର ଅଫିସ, ୨୫ା୯**

ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଓ ଫୋରମ ଫର ଗଞ୍ଜାମ ଆନୁକୂଲ୍ୟରେ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ପାଇଁ ଚାଲିଥିବା ସଚେତନତା ଅଭିଯାନ ସୋମବାର ତୃତୀୟ ଦିନରେ ପହଞ୍ଚିଛି । ଏହି ଅବସରରେ ସ୍ଥାନୀୟ ଗିରିଜା ଛକଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସତ୍ୟନାରାୟଣ ଟେମ୍ପଲ ରୋଡ, ଗିରି ମାର୍କେଟ, ଗିରି ମାର୍କେଟ ପରିବା ବଜାର, ହନୁମାନ ବଜାର ପରିକ୍ରମା କରି ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବା ନେଇ ଲୋକଙ୍କୁ ସଚେତନ କରିଥିଲେ। ଅନୁଷ୍ଠାନ ସଦସ୍ୟମାନେ ସମସ୍ତ ବ୍ୟବସାୟୀଙ୍କୁ ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ କରିବାକୁ ଅନୁରୋଧ କରିଥିଲେ । ଜନସାଧାରଣଙ୍କୁ ମାଛ ମାଂସ ଇତ୍ୟାଦି ଆଣିବା ପାଇଁ ଟିଫିନ କ୍ୟାରେଜ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅଭିଯାନରେ ଫୋରମ ଫର ଗଞ୍ଜାମର ସଦସ୍ୟ ଜେ. ସୁରେଶ, ଇ. ତେଜେଶ୍ୱର ରାଓ, ନାଦେଶୁ ସେନାପତି, ରାଷ୍ଟ୍ରୀୟ ମାନବାଧିକାର ପରିଷଦ ରାଜ୍ୟ ସମ୍ପାଦିକା ସବିତା ସାହୁକାର, ଅଞ୍ଜଳୀ ମହାନ୍ତି, ତ୍ରିନାଥ ବିଷୋୟୀରତ୍ନ, ବ୍ରହ୍ମପୁର ଶାଖାର କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢ଼ୀଙ୍କ ସମେତ ସହରର ବହୁ ବୁଦ୍ଧିଜିବୀ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେଶନ ଅଧକ୍ଷ ସୁଧୀର କୁମାର ରାଉତ, ସୁକାନ୍ତ ଗୌଡ, ସୁଶାନ୍ତ ମହାନ୍ତି, ଭୀମରାଜୁ ପାତ୍ର ଓ ମାଧବ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

## ସ୍ୱଦେଶୀ ଜାଗରଣ ମଞ୍ଚର ବିଚାର ବର୍ଗ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୨୫ା୯**

ଅଖିଳ ଭାରତ ସ୍ୱଦେଶୀ ଜାଗରଣ ମଞ୍ଚର ଆହ୍ୱାନ କ୍ରମେ ଗଞ୍ଜାମ ବିଭାଗ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଏକ ବିଭାଗ ବିଚାର ବର୍ଗ କଳା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ପ୍ରଥମ ଅଧିବେଶନରେ 'ସ୍ୱଦେଶ ଜାଗରଣ ମଞ୍ଚର ଆବଶ୍ୟକତା ଓ ସ୍ୱଦେଶୀ ଚିନ୍ତନ ସମୟପୋଯୋଗୀ' ଏବଂ ଦ୍ୱିତୀୟ ଅଧିବେଶନରେ 'ଗଞ୍ଜାମର ଅର୍ଥନୀତି' ଶୀର୍ଷକ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଖିଳ ଭାରତୀୟ ସଘର୍ଷ ସମିତି ସଂଯୋଜକ ଅନ୍ନଦା ଶଙ୍କର ପାଣିଗ୍ରାହୀ ଯୋଗଦେଇ ସ୍ୱଦେଶୀ ହିଁ ଭାରତୀୟ ଜୀବନ ଦର୍ଶନ ଓ ପ୍ରକୃତ ବିକାଶ ମଡେଲ ବୋଲି ମତବ୍ୟକ୍ତ କରିଥିଲେ । ବିଭାଗ ସଂଯୋଜକ ପ୍ରସନ୍ନ ଛୋଟରାୟ ସ୍ୱଦେଶୀ ଚିନ୍ତନ ସାରା ଜିଲାରେ ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ରଙ୍ଗନାଥ ମିଶ୍ର, ଅଧାପକ ଶିବ ପ୍ରସାଦ ତ୍ରିପାଠୀ, ସି.ଏ. ବିନୋଦ ନାୟକ ଓ ଅଳକା ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମଞ୍ଚର ନୂତନ କାର୍ମକର୍ତ୍ତା ଚୟନ କରାଯାଇଥିଲା । ଜିଲା ସଂଯୋଜକ ଭାବେ ବିନୋଦ ନାଏକଙ୍କୁ ଚୟନ କରାଯାଇଥିବା ବେଳେ ସହ ସଂଯୋଜକ ଭାବେ ଅଧାପକ ସନତ ପଣ୍ଡା, ମହାନଗର ସଂଯୋଜକ ସଞ୍ଜୀବ ପଟ୍ଟନାୟକ, ମହାନଗର ସମ୍ପର୍କ ପ୍ରମୁଖ ପ୍ରଶାନ୍ତ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଅସିକା ନଗର ସଂଯୋଜକ ଭାବେ କାର୍ତ୍ତିକେଶ୍ୱର ନାହାକ, ଦିଗପହଣ୍ଡି ଓ ଚିକିଟି ବ୍ଲକ ସଂଯୋଜକ ଭାବେ ବିଜୟ ପ୍ରଧାନଙ୍କୁ ଚୟନ କରାଯାଇଥିଲା । ମହାନଗର ସଂଯୋଜକ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଦୁର୍ଘଟଣା ପରେ ଉତ୍ତେଜନା: କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ପାରଳାଖେମୁଣ୍ଡି, ୨୫ା୯(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ରାଜସୀତାପୁର ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ବେଳେ ଜଣେ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ବାଇକଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣା ପରେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି। ଫଳରେ ରାସ୍ତା ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ଗଜପତି, ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନକୁ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ବ୍ରହ୍ମପୁରରୁ ତପ୍ତପାଣି ଦେଇ ଭୁବନେଶ୍ୱର ଯିବାକୁ ଥିବା ବସ୍‌ଗୁଡ଼ିକର ଯାତ୍ରୀଙ୍କୁ ହଇରାଣ ହେବାକୁ ପଡ଼ିଛି। ରାତି ୧୦ଟାରେ ପୋଲିସ ପହଞ୍ଚି ଗାଡ଼ି ମାଲିକ ବୁଧବାର ଆସି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବ ପରେ ଅବରୋଧ ହଟିଥିବା ସୂଚନା ମିଳିଛି।

# ଦଶିପୁର ବନ୍ଧର ଲିଜ୍ ତାରିଖ ଘୋଷଣା ଦାବି

ବୁଗୁଡ଼ା,୨୫ା୯(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ କଳମ୍ବ ପଞ୍ଚାୟତ ଦଶିପୁର ଗ୍ରାମ କର୍ଯ୍ୟାଁବନ୍ଧ ଲିଜ୍ ତାରିଖ ଘୋଷଣା କରିବାକୁ ଗ୍ରାମବାସୀ ବିଡିଓଙ୍କ ନିକଟରେ ଲିଖିତ ଦାବି କରିବା ସହ ଗଞ୍ଜାମ ଜିଲାପାଳ, ଭଞ୍ଜନଗର ଉପଜିଲାପାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମଧ ସେମାନେ ଲିଖିତ ଭାବେ ଜଣାଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗପ୍ରକାରେ ପ୍ରାୟ ୩ ବର୍ଷ ହେଲା କର୍ଯ୍ୟାଁବନ୍ଧ ଲିଜ୍ ଡ଼ାକଯାଉନାହିଁ । ବନ୍ଧ ଲିଜ୍ ନ ହେଲେ ମଧ କେତେକ ଖଳ ପ୍ରକୃତିର ଲୋକ ପ୍ରଶାସନକୁ ହାତ କରି ବନ୍ଧରେ ଯାଆଁଳ ଛାଡ଼ି ମାଛ ମାରୁଛନ୍ତି । ବନ୍ଧ ଲିଜ୍ ନ ଡ଼ାକିବା ଫଳରେ ପଞ୍ଚାୟତର ରାଜସ୍ୱ କ୍ଷତି ହେବାରେ ଲାଗିଛି। ତେଣୁ ତୁରନ୍ତ ଉକ୍ତ ବନ୍ଧ ଲିଜ୍ ତାରିଖ ଘୋଷଣା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବାଳକୃଷ୍ଣ ଜେନାଙ୍କୁ ପଚାରିବାରୁ ଆମେ ଅଭିଯୋଗ ପାଇଛୁ। ବନ୍ଧରେ ମାଛ ଯାଆଁଳ ଛଡ଼ାଯିବା ବିଷୟ ଜାଣିନାହିଁ। ଅପରପକ୍ଷେ ଆମେ ୩ ବର୍ଷ ହେଲା ଉକ୍ତ ବନ୍ଧ ପାଇଁ ଲିଜ୍ ଡ଼ାକିବାର ବ୍ୟବସ୍ଥା କରିଥିଲେ କେହି ଲିଜ୍‌ରେ ନେଉନାହାନ୍ତି ବୋଲି ସେ କହିଥିଲେ। ବିଡିଓ ସଞ୍ଜୀବରାଜ ସେନାପତିଙ୍କୁ ପଚାରିବାରେ ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

## ଫଟୋରେ ଖବର



ବ୍ରହ୍ମପୁର ଗୋସାଇଁନୂଆଗାଁସ୍ଥିତ ଗୋକୁଳଧାମରେ ଭାଗବତ ଜୟନ୍ତୀ ଅବସରରେ ବିଶେଷ ପୂଜାର୍ଚ୍ଚନା ।



କୁଆଁରୀ କନ୍ୟାଙ୍କ ଜହ୍ନିଓଷା ପୂଜା ଆରମ୍ଭ ।




ମହାନଗରର ୨୪ନମ୍ବର ୱାର୍ଡ଼ରେ ମୁଁ ହିରୋ କାର୍ଯ୍ୟକ୍ରମରେ ୩ ଜଣଙ୍କୁ ସମ୍ମାନିତ କରାଯାଉଛି । (ଫଟୋ: ସମୀର)

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ବୁଗୁଡ଼ା,୨୫।୯(ଡି.ଏନ.ଏ.)-ବୁଗୁଡ଼ା ଅବକାରୀ ବିଭାଗ କର୍ମଚାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇ ସୋମବାର ରାତି ପ୍ରାୟ ୯ଟାରେ ପୋଲସରା ଥାନା ବଡ଼ତଇଲା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ରାସ୍ତାରୁ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ସନ୍ତୋଷ ଶବର। ତାଙ୍କଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏନେଇ ବୁଗୁଡ଼ା ଅବକାରୀ କାର୍ଯ୍ୟାଳୟ କେସ ନଂ. ୩୦/୧୮-୧୯ରେ ଏକ ମାମଲା ରୁଜୁ ହୋଇଛି। ଯୁବକଙ୍କୁ ମଙ୍ଗଳବାର କୋଦଳା କୋର୍ଟକୁ ଚାଲାଣ କରାଯାଇଛି। ସନ୍ତୋଷ ସୋମବାର ରାତିରେ ତାଙ୍କ ଗ୍ରାମ ବଡ଼ତଇଲା ନିକଟ ଜଙ୍ଗଲ ରାସ୍ତାରେ ରନ୍ଧା ମଦ ବ୍ୟାଗରେ ଧରି ଠିଆ ହୋଇଥିଲେ। ଖବର ପାଇ ବୁଗୁଡ଼ା ଅବକାରୀ ବିଭାଗ ଏସ୍ଆଇ ନୀହାର ରଞ୍ଜନ ରାଉତ, ଏଏସ୍ଆଇ ମମତା ଦାଶ ଏବଂ କନ୍‌ଷ୍ଟେବଲ ମିଥୁନ ବିଶ୍ୱାଳ, ନିରେନ୍ଦ୍ର ଶବର, ନୀରଞ୍ଜନ ବେହେରା ପ୍ରମୁଖ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ଯୁବକଙ୍କୁ ଗିରଫ କରିଥିଲେ।

### ଜଳକୃଷି ପର୍ଯ୍ୟବସିତ ସମନ୍ୱୟ ଜୀବନଶୈଳୀ ବିକାଶ କାର୍ଯ୍ୟକ୍ରମ

ଚନ୍ଦ୍ରଗିରି,୨୫।୯(ଡି.ଏନ୍.ଏ.): ମୋହନା ବ୍ଲକ ଚନ୍ଦ୍ରଗିରି ସଉରା ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଜଳକୃଷି ପର୍ଯ୍ୟବସିତ ସମନ୍ୱୟ ଜୀବନଶୈଳୀ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲାପାଳ ଅନୁପମ ସାହା, ମୋହନା ବିଡିଓ ବଂଶୀଧର ଖୋସ୍‌ଲା, ଜଳକୃଷି ପର୍ଯ୍ୟବେଶିତ ସମନ୍ୱୟ ଜୀବନଶୈଳୀ ବିକାଶର ମୁଖ୍ୟ ଡାକ୍ତର ଏସ୍ ଏସ୍ ମିଶ୍ର, ଡାକ୍ତର ଏସ୍ ପରମଗୁରୁ, ଡକ୍ଟର ଏସ୍ ସି ବେହେରା, ଚନ୍ଦ୍ରଗିରି ସଉରା ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ପଦାଧିକାରୀ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ନିମନ୍ତ୍ରିତ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ମାଛଚାଷ, ଛତୁଚାଷ ଏବଂ କୁକୁଡ଼ା ଚାଷ କରି କିଭଳି ଲାଭବାନ ହୋଇପାରିବେ ଉପସ୍ଥିତ କୃଷି ବୈଜ୍ଞାନିକମାନେ ବୁଝାଇଥିଲେ। ଜିଲାପାଳଙ୍କ ଦ୍ୱାରା ସଫଳ ଚାଷୀ ତଥା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ମାଛ ଯାଆଁଳ, କୁକୁଡ଼ା ଛୁଆ ବଣ୍ଟନ କରାଯାଇଥିଲା।

### କଂଗ୍ରେସର ଜୋନସ୍ତରୀୟ ସଭାପତି ନିଯୁକ୍ତ

ସୋରଡା,୨୫।୯(ଡି.ଏନ.ଏ.): ସୋରଡ଼ା ବ୍ଲକରେ ଥିବା ୪ ଜିଲା ପରିଷଦ ଜୋନ କଂଗ୍ରେସ ସଭାପତି ନିଯୁକ୍ତ ହୋଇଛନ୍ତି । ବ୍ଲକର ୬୩ ନଂ. ଜିଲା ପରିଷଦ ଜୋନ ସଭାପତି ଭାବେ କବିରାଜ ସ୍ୱାଇଁ, ୬୪ ନଂ. ଜୋନ ସଭାପତି ଭାବେ ବୁଦ୍ଧଦେବ ମଲ୍ଲିକ, ୬୫ ନଂ. ଦିଲୀପ କୁମାର ସୁଆର ଏବଂ ୬୬ ନଂ. ଜୋନ କଂଗ୍ରେସ ସଭାପତି ଭାବେ ବନମାଳୀ ସ୍ୱାଇଁଙ୍କୁ ନିଯୁକ୍ତି ମିଳିଥିବା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଚିଠି ଦ୍ୱାରା ଜଣାଇଛନ୍ତି। ଜୁଲାଇ ମାସରେ ସୋରଡ଼ା ବଡକାଳୀ ମନ୍ଦିର ପରିସରରେ ବ୍ଲକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବୈଠକରେ ୪ ଜିଲାପରିଷଦ ଜୋନ ସଭାପତି ପଦବୀ ନିମନ୍ତେ ଏମାନଙ୍କ ନାମ ଜିଲା କଂଗ୍ରେସକୁ ପଠାଯାଇଥିଲା। ଜୋନସ୍ତରୀୟ ସଭାପତି ନିଯୁକ୍ତ ହେବା ପରେ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ୍ କରାଯାଇ ପାରିବ ବୋଲି ଯୁବନେତା ତଥା ଆଇନଜୀବୀ ଦତ୍ତାତ୍ରେୟ ବେହେରା ଏବଂ ସଭାପତିମାନେ କହିଛନ୍ତି।

### ଆମ ଗାଁରେ ତହସିଲ କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର,୨୫।୯(ଡି.ଏନ୍.ଏ.): ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆମ ଗାଁରେ ତହସିଲ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ ଯୋଗଦେଇ ୨୬ ଇସି କେସ ମଧ୍ୟରୁ ୧୦ଟିର ଫଇସଲା କରିଥିଲେ। ଏ ବାବଦରେ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଅବସରରେ ୭ ହିତାଧିକାରୀଙ୍କୁ ଘରପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୪ ଜଣଙ୍କ ପଟ୍ଟା ସମ୍ବନ୍ଧିୟ ଅଭିଯୋଗର ଶୁଣାଣି ହୋଇଥିଲା। କାର୍ଯ୍ୟକ୍ରମରେ ତହସିଲ କର୍ମଚାରୀ ରାଜେଶ କୁମାର ମହାପାତ୍ର, ଭଞ୍ଜକିଶୋର ପାତ୍ର, ଆର୍‌ଆଇ ସବିତା ପ୍ରଧାନ, ଅତିରିକ୍ତ ଆର୍‌ଆଇ ସୋନଲି ପାତ୍ର ଯୋଗ ଦେଇଥିଲେ।

■ ପରିବହନ ପ୍ରମୁଖ ଶାସନ ସଚିବଙ୍କ ବୈଠକ

# ଜାତୀୟ ରାଜପଥ ଟ୍ରକ୍ ପାର୍କିଂ ଉପରେ କଟକଣା

■ ୬ ଥାକିଆ ରାସ୍ତା କରିବାକୁ ପ୍ରସ୍ତାବ, ନିର୍ମାଣ ହେବ ଫ୍ଲାଏ ଓଭର
■ ଦୁର୍ଘଟଣାରେ ଗଲାଣି ୨୭୬ ଜୀବନ

ଛତ୍ରପୁର,୨୫।୯(ଡି.ଏନ.ଏ)

ରାସ୍ତାର ଯେ କୌଣସି ସ୍ଥାନରେ ଭାରିଯାନ ବିଶେଷକରି ମାଲବାହୀ ଟ୍ରକ ପାର୍କିଂ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ୧୬ ନଂ. ଜାତୀୟ ରାଜପଥରେ ଏହି ସମସ୍ୟା ଅଧିକ ଥିବାରୁ ଏହା ଉପରେ କଟକଣା ଲଗାଯିବ। ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲା ସଡକ ସୁରକ୍ଷା କମିଟି ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସ ଏହି ନିର୍ଦ୍ଦେଶ ଦେଇଛନ୍ତି। ୧୫ ଦିନ ମଧ୍ୟରେ ପଦକ୍ଷେପ ନେଇ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଜାତୀୟ ରାଜପଥରେ ସାଇନେଜ୍ ବ୍ୟବସ୍ଥା ହେବ। ଦୁର୍ଘଟଣା ପ୍ରବଣ ସ୍ଥାନଗୁଡିକରେ ସଚେତନତା ଫଳକ ଲାଗିବ। ବସ ଛାତରେ ଯାତ୍ରୀ ପରିବହନ କରାଗଲେ ଏହାର ମାଲିକ ଦାୟୀ ରହିବେ। ଏଥିପାଇଁ ବିଭିନ୍ନ କଲେଜରେ ସଚେତନତା କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ କିପରି ହସ୍ପିଟାଲ ନିଆଯିବ ତା'ର ବିଜ୍ଞାନ ସମ୍ମତ ବ୍ୟବସ୍ଥା ବିଷୟରେ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯିବ। ଏ ସମ୍ପର୍କରେ ୧ ମିନିଟ୍‌ର ଭିଡିଓ ସୋସିଆଲ ମିଡିଆରେ ପ୍ରଦର୍ଶିତ ହେବ। ଗଞ୍ଜାମ ଏସ୍‌ପି ଦୁର୍ଘଟଣା ସମ୍ପର୍କରେ ପ୍ରଦାନ କରିଥିବା ତଥ୍ୟାବଳୀର ଅନୁଧ୍ୟାନ ହେବ। ଜିଲା ପରିବହନ କାର୍ଯ୍ୟାଳୟ ସହିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କରାଯିବ। ଜାତୀୟ ରାଜପଥ ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନା ନେବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବିଷୟରେ ବିଚାର କରାଯିବ। ଜିଲାରେ ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ୫୦୧ ସଡକ ଦୁର୍ଘଟଣା ଘଟିଥିବାବେଳେ ଏଥିରେ୨୭୬ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୭ରେ ୪୬୫ଟି ସଡକ ଦୁର୍ଘଟଣା ହୋଇଥିବା ବେଳେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ରାସ୍ତାରେ ଗୋରୁ ଚଳପ୍ରଚଳ ଦୁର୍ଘଟଣାର ଅନ୍ୟ ଏକ ମୁଖ୍ୟ କାରଣ। ରାସ୍ତାରୁ ଗୋରୁଙ୍କୁ ଧରିବାକୁ କୁହାଯାଇଛି। ଖୋର୍ଦ୍ଧା ଜିଲାର ଟାଙ୍ଗୀଠାରୁ ଗଞ୍ଜାମର ପୁଇଁତଳା ପର୍ଯ୍ୟନ୍ତ ରାସ୍ତାକୁ ଛଅ ଥାକିଆ କରିବାକୁ ପ୍ରସ୍ତାବ ଦିଆଯାଇଛି। ପୁଇଁତଳା ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ଛଅ ଥାକିଆ ହେବା ସହିତ କେତେକ ସ୍ଥାନରେ ଫ୍ଲାଏ ଓଭର ନିର୍ମାଣ ହେବ।


ବୈଠକରେ ଉପସ୍ଥିତ ସଚିବ ଏବଂ ଅନ୍ୟମାନେ ।

ଜାତୀୟ ରାଜପଥ ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ଜାତୀୟ ରାଜପଥ ବିଭାଗ ଓ ପୂର୍ତ୍ତ ବିଭାଗ ରୀତିମତ ଜିଲାପାଳଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସପି ବ୍ରିଜେଶ କୁମାର ରାଏ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମର କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିନୋଦ କୁମାର ପାଢୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର, ଆରଟିଓ ସଞ୍ଜୟ କୁମାର ବିଶ୍ୱାଳ, ଏମଭିଆଇ ସମୀର କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସଚିବ ଗୋପାଳପୁର ପୋର୍ଟକୁ ଯାଇ ଏକ ବୈଠକ କରିଥିଲେ। ଏଥିରେ ଜିଲାପାଳ, ପୋର୍ଟ କର୍ତ୍ତୃପକ୍ଷ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ପୋର୍ଟର କିଭଳି ବିକାଶ ହୋଇପାରିବ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା


ଉଦ୍‌ଯାପନୀରେ ଉପସ୍ଥିତ ଅତିଥି ଏବଂ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

ଦାରିଙ୍ଗବାଡ଼ି,୨୫।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଦାରିଙ୍ଗବାଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରେନ୍ଦ୍ର ବେହେରା ମୁଖ୍ୟ ଅତିଥି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶିବ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁନ୍ଦର ଓ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା, ଖେଳକୁଦର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖେଳ ପ୍ରଶିକ୍ଷଣ ଶିକ୍ଷକ ଶରତ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ଥିଲେ। ଭ୍ରମରବାଡ଼ି ହାଇସ୍କୁଲ ଖେଳ ଶିକ୍ଷକ ସନ୍ତୋଷ କୁମାର ମାଝି, ସୋନପୁର ଏବଂ ଦାରିଙ୍ଗବାଡ଼ି ହାଇସ୍କୁଲର ଖେଳ ଶିକ୍ଷକମାନେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲିବଲ୍ ସମେତ ବ୍ୟାଡମିଣ୍ଟନ,ଦୌଡ଼, ଲମ୍ଫଡିଆଁ, ଉଚ୍ଚ ଡିଆଁ, ଜାଭଲିନ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ୨୫ ପଞ୍ଚାୟତରୁ ୧୮୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ଆନ୍ତଃ ମହାବିଦ୍ୟାଳୟ ଖୋଖୋ ପ୍ରତିଯୋଗିତା


ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟନ।

ଆସିକା,୨୫।୯(ଡି.ଏନ୍.ଏ.)

ଆସିକା ବ୍ଲକ୍ କେନ୍ଦୁପଦରସ୍ଥିତ ଏନ୍.ବି.ସି. କଲେଜ ପରିସରରେ ମଙ୍ଗଳବାର ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଯୋଗିତାକୁ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କ୍ରିଡ଼ା ପରିଷଦ ସଂପାଦକ ଡ. ପ୍ରସନ୍ନ କୁମାର ଦିକ୍ଷିତ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ ୮ଟି ମହାବିଦ୍ୟାଳୟର ପ୍ରତିଯୋଗିତ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ୪ଟି ମ୍ୟାଚରେ କେନ୍ଦୁପଦର କଲେଜକୁ ହରାଇ ଭଂଜନଗର, ଚିକିଟି କଲେଜକୁ ହରାଇ ପାଟପରୁ, ସାଉଁଟିଆପଲ୍ଲୀ କଲେଜକୁ ହରାଇ ବ୍ରହ୍ମପୁର ସିଟି କଲେଜ ଓ କବିସୂର୍ଯ୍ୟନଗର କୁ ହରାଇ ଦିଗପହଣ୍ଡି କଲେଜ ଦଳ ବିଜୟୀ ହୋଇଥିବା ଜଣାଯାଇଛି। ବୁଧବାର ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ। କ୍ରୀଡା ପରିଷଦର ସହ–ସମ୍ପାଦକ ରାଜେଶ୍ ମହାନ୍ତି, କେନ୍ଦୁପଦର କଲେଜ କ୍ରୀଡା ସଂସଦର ଉପସଭାପତି ଡ. ଆଶୁତୋଷ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାଇନ୍ ବାବୁ ଦୋରା, ଚିନ୍ତାମଣି ଦୋରା ଏବଂ ଦାମୋଦର ପ୍ରଧାନ ଏହି ମ୍ୟାଚର ରେଫେରୀ ଭାବେ ରହିଥିଲା ବେଳେ କେନ୍ଦୁପଦର କଲେଜର ପିଟି ସୁଶାନ୍ତ କୁମାର ବେହେରା ମ୍ୟାଚ ପରିଚାଳନା କରିଥିଲେ।

■ ରେଡ୍ଡୀ ମହାଜନ ସଂଘର ବୈଠକ

## ସିଦ୍ଧ ଭୈରବୀ ପୀଠ ଉନ୍ନତି ପାଇଁ ଆଲୋଚନା


ବୈଠକରେ ଉପସ୍ଥିତ ରେଡ୍ଡୀ ମହାଜନ ସଂଘ କର୍ମକର୍ତ୍ତା ଓ ମନ୍ଦିର ପରିଚାଳନା କମିଟି ସଭ୍ୟ।

କନିଷି,୨୫।୯(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ମନ୍ଦ୍ରିଡ଼ି ପଞ୍ଚାୟତ ହରଡ଼ଙ୍ଗ ଗ୍ରାମରେ ଥିବା ମା' ସିଦ୍ଧ ଭୈରବୀ ମନ୍ଦିରର ଉନ୍ନତି ନିମନ୍ତେ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲା ଏବଂ ୧୮ ତାଲୁକାର ରେଡ୍ଡୀ ମହାଜନ ସଂଘ ସଦସ୍ୟମାନଙ୍କ ଏକ ଜରୁରୀ ବୈଠକ ମଙ୍ଗଳବାର ଭୈରବୀ ମନ୍ଦିର ନିକଟରେ ଥିବା ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଛି। ଏଥିରେ କୁହାଯାଇଥିଲା ଯେ, ଦୀର୍ଘବର୍ଷ ହେଲା କମିଟି ସଭ୍ୟମାନେ ଭୈରବୀ ମନ୍ଦିରର ଉନ୍ନତି କରି ଆସୁଛନ୍ତି। ଆଗାମୀ ଦିନରେ ଦେବୋତ୍ତର ବିଭାଗ କମିଶନର ଏହାର ପରିଚାଳନା କରିବେ। ଦେବୋତ୍ତର ବିଭାଗ ଯେଉଁସବୁ ମନ୍ଦିର ମଠ ଦାୟିତ୍ୱ ନେଇଛି ତାହାର ଉନ୍ନତି ହୋଇପାରିନାହିଁ। ସେହିଭଳି ମା' ସିଦ୍ଧ ଭୈରବୀ ମନ୍ଦିର ଉନ୍ନତି ହୋଇପାରିବ ନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେଣୁ ଦୀର୍ଘବର୍ଷ ହେଲା ଯେଭଳି ମନ୍ଦିର ପରିଚାଳନା କମିଟି ମନ୍ଦିର ନିଜ ହାତରେ ରଖି ମନ୍ଦିର ଉନ୍ନତି ଏବଂ ବିଭିନ୍ନ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ପରିଚାଳିତ କରୁଛି ସେଭଳି କରିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି। ମହାଜନ ସଂଘର ସଭାପତି ସିଏଚ ଡିଲେଶ୍ୱର ରେଡ୍ଡୀ, ସମ୍ପାଦକ ଶ୍ରୀନିବାସ ରେଡ୍ଡୀ, ଉପଦେଷ୍ଟା କାମରାଜୁ ରେଡ୍ଡୀ, ସିଏଚ କ୍ରିଷ୍ଣା ରେଡ୍ଡୀ ଏବଂ ମନ୍ଦିର କମିଟି ସଭ୍ୟ ବୁଢ଼ା ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁ, ଶିଶିର ସାହୁ, ସୁରେନ୍ଦ୍ର ସାହୁ, ଚିତ୍ତରଞ୍ଜନ ଦାଶ, ଦେବେନ୍ଦ୍ର ପାଢ଼ୀ, ସି. ସୀମାଦ୍ରି, ପ୍ରଫୁଲ୍ଲ କୁମାର ପାଢ଼ୀଙ୍କ ସମେତ ଅଞ୍ଚଳର ଶତାଧିକ ଲୋକ ବୈଠକରେ ଉପସ୍ଥିତ ଥିଲେ ।

### ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

ଆସିକା,୨୫।୯(ଡି.ଏନ୍.ଏ.)

ଆସିକାସ୍ଥିତ ଦିବ୍ୟଜୀବନ ସଂଘ ପରିସରରେ ସୋମବାର ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଆସିକା ବିଧାୟକ ଦେବରାଜ ମହାନ୍ତି ମୁଖ୍ୟଅତିଥି, ଏନଏସି ଅଧ୍ୟକ୍ଷା ମଧୁସ୍ମିତା ପୋଲାଇ, ବ୍ରିଗେଡିୟର ଅଭିମନ୍ୟୁ ରାଉତ, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଓଡିଶା ଦିବ୍ୟ ଜୀବନ ସଂଘ ମୁଖ୍ୟ ସଂଗଠକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ବିଶ୍ୱ କଲ୍ୟାଣ ନିମନ୍ତେ ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଗଞ୍ଜାମ ଜିଲାର ୬୦ ହାଇସ୍କୁଲ ଓ ଯୁକ୍ତ ୨ କଲେଜର ୨୦୧୭-୧୮ ଶିକ୍ଷା ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଦିବ୍ୟ ଜୀବନ ସଂଘର ସଭାପତି ଭାସ୍କର ଆଚାରୀ, ସମ୍ପାଦକ ବିଜୟ ଚନ୍ଦ୍ର ଦାସ, ଉପଦେଷ୍ଟା ଦେବହରି ମହାନ୍ତି, ପ୍ରଫୁଲ୍ଲ ପାଣିଗ୍ରାହୀ, ସୁରେନ୍ଦ୍ର ବେହେରା, କିଶୋର ମୋହନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଣ୍ଟାପିଢା ଯାତ୍ରା: ରାମଦୋଳି, ମିନାବଜାରରେ ଭିଡ଼

ସୋରଡା,୨୫।୯(ଡି.ଏନ୍.ଏ.)–

କଣ୍ଟାପିଢା ଯାତ୍ରାର ୪ର୍ଥ ଦିବସରେ ରାମଦୋଳି, ମିନାବଜାରରେ ଭିଡ ଜମୁଥିବାବେଳେ ତୋରଣ ମୁଖ୍ୟ ଆକର୍ଷଣ ପାଲଟିଛି। ଶଶିଭୂଷଣ ପଡିଆରେ ରାମଦୋଳି ୨ଟା, ମୀନାବଜାର ୨ ଦଳ ପଡିଛି, ବ୍ରେକ୍ ଡ୍ୟାନ୍ସ ଓ ଶିଶୁ ଟ୍ରେନ୍‌ରେ ପିଲାଙ୍କ ଭିଡ ଜମୁଛି। ସନ୍ଧ୍ୟା ଆଳତି ସମୟରେ ମା'ଙ୍କ ସୁନାବେଶ ଦେଖିବାକୁ ମହିଳାଙ୍କ ଭିଡକୁ ଦୃଷ୍ଟିରେ ରଖି ସହରସାରା ବ୍ୟାପକ ପୋଲିସ ମୁତୟନ ହୋଇଛି। ଆସିକା ଏସ୍‌ଡିପିଓ ସୁବାସ ପଣ୍ଡା ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ବଡଦାଣ୍ଡରେ ନିର୍ମିତ ୭୦ ଫୁଟର ତୋରଣ ମୁଖ୍ୟ ଆକର୍ଷଣ ପାଲଟିଛି। ୨୮ ତାରିଖରୁ ମହୋତ୍ସବ ଆରମ୍ଭ ହେବାକୁ ଥିବାବେଳେ ରଥପଦାଠାରେ ଅସ୍ଥାୟୀ ମଣ୍ଡପ ନିର୍ମାଣ ସରିଛି।


ଯାତ୍ରା ଲାଗି ନିର୍ମାଣ ହୋଇଥିବା ତୋରଣ।

### ବିଜୁ କନ୍ୟାରତ୍ନ ସଚେତନତା ଶିବିର

ସୋରଡ଼ା,୨୫।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜୁ କନ୍ୟାରତ୍ନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଦାମ ପାଣିଗ୍ରାହୀ, ପ୍ରଶିକ୍ଷକ ସୁକଣ୍ଠ ପଣ୍ଡା ଯୋଗ ଦେଇଥିଲେ। ଅଧ୍ୟକ୍ଷ ଅନିଲ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଲିଙ୍ଗଗତ ତାରତମ୍ୟ ଜନିତ ଲିଙ୍ଗନିରୂପଣ ରୋକିବା, କନ୍ୟା ସନ୍ତାନ ପ୍ରତି ସମସ୍ତ ପ୍ରକାର ସୁବିଧା କରିବା ସହ କନ୍ୟାମାନେ ସବୁ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିବା ପାଇଁ କୁହାଯାଇଥିଲା। ଅଧ୍ୟାପକ ସୁଶାନ୍ତ କୁମାର ବିଷୋୟୀ, ଶେଖ୍ ରଫିକ୍ ଉଲ୍ଲା, ଉଷାରାଣୀ ସାବତଙ୍କ ସମେତ ସମସ୍ତ ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ।

■ ଆଇଆର୍‌ଇ କାର୍ଯ୍ୟ ବନ୍ଦ ପ୍ରସଙ୍ଗ

## କୋର୍ଟରେ ପକ୍ଷ ରଖିଲେ ନୋଟିସଧାରୀ

ଛତ୍ରପୁର,୨୫।୯(ଡି.ଏନ.ଏ.)

**୭ ଦିନରେ ପହଞ୍ଚିଲା ଧାରଣା**

ବିଭିନ୍ନ ଦାବି ନେଇ ଛତ୍ରପୁର ଉପକଣ୍ଠ ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟର କାର୍ଯ୍ୟ ବନ୍ଦ କରିବା ପ୍ରସଙ୍ଗରେ ୧୨ ଆନ୍ଦୋଳନକାରୀଙ୍କୁ ଛତ୍ରପୁର ସିନିୟର ଡିଭିଜନ୍ ସିଭିଲ କୋର୍ଟ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଶନିବାର ସେମାନେ କୋର୍ଟରେ ହାଜର ହୋଇଥିଲେ। ଅନ୍ୟପକ୍ଷରେ ଓକିଲଙ୍କ ଜରିଆରେ ମଙ୍ଗଳବାର ୧୨ ଆନ୍ଦୋଳକାରୀ ଆଇଆର୍‌ଇର ପିଟିଶନକୁ ଆଧାର କରି କୋର୍ଟରେ ନିଜର ପକ୍ଷ ରଖିଛନ୍ତି। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇବ ବୋଲି ଜଣାପଡିଛି। ଡ୍ରେଜିଂ ହେଉଥିବା ଜମିର ପ୍ଲଟ୍ ଏବଂ ଅନ୍ୟାନ୍ୟ ତଥ୍ୟ ଦାଖଲ ଆଇଆରଇ କରୁ ବୋଲି ନୋଟିସଧାରୀଙ୍କ ପକ୍ଷରୁ କୋର୍ଟରେ ପଟିଶନ ଦାଖଲ କରାଯାଇଛି। ଏମାନଙ୍କ ପକ୍ଷରୁ ଓକିଲ ରମେଶ ଚନ୍ଦ୍ର ଚୌଧୁରୀ ଓ ଓକିଲ ପଦ୍ମ ଚରଣ ସାହୁ ପକ୍ଷ ଦାଖଲ କରିଛନ୍ତି। ଧାରଣା ବନ୍ଦ କରିବା ଅନୁରୋଧ କରି ନିର୍ଦ୍ଦେଶ ଦେବା ପାଇଁ ଆଇଆରଇର ମ୍ୟାନେଜର (ମାନବ ସମ୍ବଳ ବିଭାଗ) କୃଷ୍ଣ ଚନ୍ଦ୍ର ସାହୁଙ୍କ ପକ୍ଷରୁ କୋର୍ଟରେ ପୂର୍ବରୁ ପିଟିଶନ ଦାଖଲ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କୋର୍ଟ ପକ୍ଷରୁ ଉକ୍ତ ୧୨ ଜଣଙ୍କୁ ହାଜର ପାଇଁ ନୋଟିସ୍ ଜାରି କରିବା ସହ ଧାରଣାସ୍ଥଳକୁ ସେମାନଙ୍କ ଯିବା ଉପରେ କଟକଣା ଲଗାଯାଇଛି। ଆଇଆରଇ ପ୍ରକଳ୍ପ ପାଇଁ ଡ୍ରେଜିଂ କାମ ବନ୍ଦ କରି ଏହି ଧାରଣା ଚାଲିଛି। ପୂର୍ବ ବୈଠକ ମୁତାବକ ଲୋକଙ୍କୁ କ୍ଷତିପୂରଣ ଓ ପ୍ୟାକେଜ୍ ପ୍ରଦାନ ନ କରିବା ପର୍ଯ୍ୟନ୍ତ କାମ ଆରମ୍ଭ କରା ନ ଯାଉ ଦାବି ନେଇ ଏହି ଧାରଣା ଚାଲିଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ

ଦିଗପହଣ୍ଡି,୨୫।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଡି. ହରିକୃଷ୍ଣ ପାତ୍ରଙ୍କ ସ୍ତ୍ରୀ ଡି. ଲକ୍ଷ୍ମୀ ପାତ୍ର (୨୬)। ପନାଡ଼ ଗ୍ରାମର ବିଜୟ ପାତ୍ରଙ୍କ କନ୍ୟା ଲକ୍ଷ୍ମୀ ୭ ବର୍ଷ ପୂର୍ବେ ହରିକୃଷ୍ଣଙ୍କୁ ବିବାହ କରିଥିଲେ। ତାଙ୍କ ସ୍ୱାମୀ ମୁମ୍ବାଇରେ କାମ କରୁଥିବା ବେଳେ ଲକ୍ଷ୍ମୀ ଘରେ ଏକା ରହୁଥିଲେ। ତାଙ୍କର ୬ ବର୍ଷର ଏକ କନ୍ୟା ସନ୍ତାନ ଓ ୫ ମାସର ପୁଅ ଅଛନ୍ତି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଜୟ ଜାଳେଣି କାଠ ନେଇ ଲକ୍ଷ୍ମୀଙ୍କ ଘରେ ପହଞ୍ଚିଥିଲେ। ଲକ୍ଷ୍ମୀ ଘର ଚଟାଣରେ ପଡ଼ି ଛଟପଟ ହେଉଥିବା ଦେଖିଥିଲେ। ଚେତାଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ନଂ. ୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଦେହ ଜବତ ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ସମ୍ପର୍କୀୟଙ୍କ ସହାୟତାରେ ଏକ ଅଟୋ ଯୋଗେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ବୋଲି ପୋଲିସ କହିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାମାଜିକ ସମୀକ୍ଷା ବୈଠକ

କୁକୁଡ଼ାଖଣ୍ଡି,୨୫।୯(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସାମାଜିକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାଏ ଏବଂ ଜିଲା ସାମାଜିକ ସମୀକ୍ଷାକାରୀ ଡ. ରବୀନ୍ଦ୍ର ମଲାଣ ଯୋଗଦେଇ ବହୁ ସମସ୍ୟା ସମାଧାନ କରିବା ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସମସ୍ତ ପଞ୍ଚାୟତର ଜନ ପ୍ରତିନିଧି, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ, ଭିଆର୍‌ସି, ଯନ୍ତ୍ରୀମାନେ ଯୋଗ ଦେଇଥିଲେ। କୁକୁଡ଼ାଖଣ୍ଡି ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ନନ୍ଦିନୀ ଦାଶ, ସହକାରୀ ଯନ୍ତ୍ରୀ ସୁଜିତ କୁମାର ଟହଲ ମଞ୍ଚାସୀନ ଥିଲେ। ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ସମସ୍ତ ପଞ୍ଚାୟତରେ ହୋଇଥିବା କାର୍ଯ୍ୟଗୁଡ଼ିକର ଜନଶୁଣାଣି କରାଯାଇଥିଲା। ଏହି ସମୟରେ ସରିଥିବା କାର୍ଯ୍ୟଗୁଡ଼ିକ ମଧ୍ୟରୁ କେତେକର ଏ ଯାଏ ବିଲ ହୋଇନଥିବା ଜନ ପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ଉପଜିଲାପାଳ ତୁରନ୍ତ ବିଲ କରିବାକୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ଧପଲ୍ଲୀ ଓ ବୋରିଗାଁ ପଞ୍ଚାୟତରେ ଭଲ କାମ ହୋଇଥିବା ନେଇ ଉପଜିଲାପାଳ ସନ୍ତୋଷ ପ୍ରକାଶ କରିଥିଲେ। ମସିହାଖାଲି, ନିମଖଣ୍ଡି, ଲୋଚାପଡ଼ା ପଞ୍ଚାୟତର ସମସ୍ତ ପଞ୍ଚାୟତରୁ ଏହି କାର୍ଯ୍ୟ ନେଇ ପଛୁଆ ହୋଇ ରହିଥିବା ଉଦ୍‌ବେଗ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ଟ୍ରଷ୍ଟର ସାଧାରଣ ବୈଠକ



**ବୁଗୁଡ଼ା,୨୫।୯(ଡି.ଏନ.ଏ.):** ବୁଗୁଡ଼ା ଶ୍ରୀବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟର ସାଧାରଣ ବୈଠକ ରବିବାର ସ୍ଥାନୀୟ କାରଗିଲ ଶହୀଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେ. ଅଶୋକ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ପ୍ରଥମେ ଦିବଙ୍ଗତ ସଭ୍ୟ ମାଧବ ସାମନ୍ତରାଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିସହ ଟ୍ରଷ୍ଟର ସଭାପତି କୈଳାସ ଚନ୍ଦ୍ର ମିଶ୍ରଙ୍କ ସ୍ତ୍ରୀ ଓ ପୁଅଙ୍କ ବିୟୋଗରେ ମଧ ନିରବ ପ୍ରାର୍ଥନା କରାଯାଇ ସମବେଦନା ଜ୍ଞାପନ କରାଯାଇଥିଲା । ବୈଠକରେ ନୂତନ ଭାବେ ଟ୍ରଷ୍ଟରେ ଯୋଗ ଦେଇଥିବା ୫ ଜଣଙ୍କୁ ସ୍ୱାଗତ କରାଯାଇଥିଲା । ବରିଷ୍ଠ ନାଗରିକମାନଙ୍କ କଲ୍ୟାଣ ଓ ସୁରକ୍ଷା ଆଦି ବିଭିନ୍ନ ସମସ୍ୟା ଉପରେ ସଭ୍ୟମାନେ ଆଲୋଚନା କରିଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା ଶିବିର, ଶୀତବସ୍ତ୍ର ପ୍ରଦାନ, ଚାରାରୋପଣ, ତୀର୍ଥ ଭ୍ରମଣ ଓ ସ୍ୱାସ୍ଥ୍ୟ ପରିବେଶ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ମଧ୍ୟ ଆଲୋଚନା ହୋଇଥିଲା । ଏଥିସହ ଟ୍ରଷ୍ଟର ନୂତନ ଗୃହ ନିର୍ମାଣ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଟ୍ରଷ୍ଟର ଅଧକ୍ଷ ଗଙ୍ଗାଧର ବିଷୋୟୀ, ସମ୍ପାଦକ ଟି. ସତ୍ୟ ନାରାୟଣ ପାତ୍ର, କୋଷାଧକ୍ଷ ଜି. ବାପୁଜି ପାତ୍ର, ବିପ୍ର ଚରଣ ପାଣିଗ୍ରାହୀ, ସତ୍ୟ ନାରାୟଣ ଦାଶ, ଉମା ଚରଣ ପଟ୍ଟନାୟକ, ଜି. ରାଜେଶ୍ୱର ପାତ୍ର, ପ୍ରକାଶ ଚନ୍ଦ୍ର ରଥ, ଅନନ୍ତ କର, ଅଭୟ ପ୍ରସାଦ ପାଣିଗ୍ରାହୀ, ଅଜୟ କୁମାର ପାତ୍ର, ଗଙ୍ଗାଧର ନନ୍ଦଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ । ସତ୍ୟ ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ ।

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ଛତ୍ରପୁର,୨୫।୯(ଡି.ଏନ.ଏ):** ଛତ୍ରପୁର ଲୋଏର ବସଷ୍ଟାଣ୍ଡ ନିକଟ ଲକ୍ଷ୍ମୀ କମ୍ପ୍ଲେକ୍ସରେ ମା' ଗଜଲକ୍ଷ୍ମୀ ପୂଜା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅକ୍ଟୋବର ୧୪ ତାରିଖରେ ଏଥିପାଇଁ ଶୁଭଖୁଣ୍ଟି ସ୍ଥାପନ ହେବ । ଅକ୍ଟୋବର ୨୩ ତାରିଖରେ କଳସ ଯାତ୍ରା ଓ ଅଙ୍କୁରାରୋପଣ ଏବଂ ୨୪ରୁ ପୂଜା ଆରମ୍ଭ ହେବ । ୭ ଦିନ ଧରି ଏହି ପୂଜା ଚାଲିବ । ଅକ୍ଟୋବର ୩୦ ତାରିଖରେ ପୂର୍ଣ୍ଣାହୂତି ହେବ ବୋଲି ସୂଚନା ଦିଆଯାଇଛି । ପ୍ରସ୍ତୁତି ବୈଠକରେ ବସନ୍ତ ମହାରଣା, ପ୍ରଦୀପ ସାହୁ, ଅତୁଲ କୁମାର ଦାଶ, ଆରତ ବିଶ୍ୱାଳ, ସରୋଜ ପାଢୀ, ଚିନ୍ମୟ ଦାଶ, ପ୍ରଶାନ୍ତ ମହାରଣା, ଲିପୁନ୍ ବିଶ୍ୱାଳ, ପପୁନ୍ ବିଶ୍ୱାଳ, ପ୍ରଶାନ୍ତ ପୁରୋହିତ, ମନୋଜ ସାହୁ, ଅଶୋକ ବେହେରା, ସରୋଜ ଶତପଥୀ, ସନ୍ତୋଷ ଚୌଧୁରୀ, ବାବୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ଭାଗବତ ସପ୍ତାହ ପାଳିତ

**ଖଲ୍ଲିକୋଟ,୨୫।୯(ଡି.ଏନ୍.ଏ.):** ଖଲ୍ଲିକୋଟ ଜଗନ୍ନାଥ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଭାଗବତ ସପ୍ତାହ ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଛି। ବ୍ରହ୍ମପୁରରୁ ଆସିଥିବା ସୀତାରାମ ମଠାଧୀଶ ହରିଚରଣ ଦାସ ବ୍ୟାସ ରୂପେ କାର୍ଯ୍ୟ ତୁଲାଉଛନ୍ତି। ସେହିପରି ପୁରୀରୁ ଆସିଥିବା ଛନ୍ଦାଚରଣ ଦାସ ଭାଗବତ ରସାମୃତ ପାଠ କରୁଛନ୍ତି। ସୋମବାର ଷଷ୍ଠଦିନ ହୋଇଥିବାବେଳେ ମଙ୍ଗଳବାର ଉଦ୍‌ଯାପିତ ହେବ। ଏହା ସକାଳ ୭ଟାରୁ ସନ୍ଧ୍ୟା ୬ଟା ଏବଂ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ପ୍ରବଚନ ହେବ। ଏଠାରେ ବହୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥାଏ।

### ଗୃହ କାର୍ଯ୍ୟାଦେଶ ବଣ୍ଟନ

**ବୁଗୁଡ଼ା,୨୫।୯(ଡି.ଏନ.ଏ.):** ଛତ୍ରପୁର ବ୍ଲକସ୍ତରୀୟ ବିଜୁ ପକ୍କାଘର ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ଓ ନିଯୁକ୍ତି ମେଳା ସୋମବାର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଉପାଧକ୍ଷା ଅମିତା ସାହୁ, ବିଡିଓ ସଚ୍ଚିଦାନନ୍ଦ ନାୟକ, ବିପିଏମ୍ ମାମିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ୫୩ ହିତାଧିକାରୀଙ୍କୁ ବିଜୁ ପକ୍କା ଘର ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ପରେ ଓଡିଶା ଜୀବିକା ମିଶନ ଯୋଜନାରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ୮୫ ଜଣ ପଞ୍ଜୀକରଣ କରିଥିଲେ ।

## ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ବିଶେଷଜ୍ଞଙ୍କ ପଦବୀ ଖାଲି, ରୋଗୀ ହନ୍ତସନ୍ତ

**ଆର.ଉଦୟଗିରି,୨୫।୯(ଡି.ଏନ.ଏ.)**

ଗଜପତି ଜିଲାରେ ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉଭୟ ଆର.ଉଦୟଗିରି ଏବଂ ନୂଆଗଡ଼ ବ୍ଲକର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି । ଲୋକେ ଠିକ୍ ଚିକିତ୍ସା ସୁବିଧା ପାଉ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ଶବରପଲ୍ଲୀ ସରପଞ୍ଚ ଜଗନ୍ନାଥ ରଇତ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ଏଠାରେ ୮ ବର୍ଷରୁ ଉର୍ଦ୍ଧ୍ୱ ହେଲା କୌଣସି ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇନାହିଁ । ସର୍ଜରୀ, ଶିଶୁ, ଅସ୍ଥି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। କୌଣସିମତେ ଦୁଇଜଣ ଏମ୍‌ବିବିଏସ ଡ଼ାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଯୋଗାଯାଉଛି। ବିଶେଷଜ୍ଞ ନ ଥିବାରୁ ଗୁରୁତର ରୋଗୀଙ୍କୁ ଚନ୍ଦ୍ରଗିରି, ପାରଳାଖେମୁଣ୍ଡି ଓ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଉଛି । ଏଠାରେ ଦୁଇଜଣ ଆଟେଣ୍ଡାଣ୍ଟ, ଦୁଇ ପିଅନ, ୨ ଝାଡୁଦାର ଏବଂ ଦୁଇଜଣ ଷ୍ଟାଫନର୍ସ ପଦବୀ ମଧ୍ୟ ଖାଲି ପଡ଼ିଛି। ଏହି ପଦବୀଗୁଡ଼ିକ ଦୀର୍ଘଦିନ ଧରି ପୂରଣ କରାଯାଉ ନ ଥିବାରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି । ରୋଗୀ କଲ୍ୟାଣ ସମିତି ପକ୍ଷରୁ ଦୁଇଜଣ ଝାଡୁଦାରଙ୍କୁ ଅସ୍ଥାୟୀ ଭାବେ କାମରେ ନିୟୋଜିତ କରାଯାଇଛି ।

ସୂଚନାଯୋଗ୍ୟ, ଏଠାକୁ ପ୍ରତିଦିନ ବହୁ ସଂଖ୍ୟାରେ ରୋଗୀ ଆସୁଛନ୍ତି। ତଥାପି ସ୍ୱାସ୍ଥ୍ୟକେନ୍ଦ୍ରର ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉନାହିଁ । ଏଥିସହ ଦୁଇଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଜଣେ ଜନ୍ମମୃତ୍ୟୁ ପଞ୍ଜୀକରଣ କିରାଣି ପଦବୀ ଖାଲି ପଡ଼ିଥିବାରୁ ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ



ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଗୋଟିଏ ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ସବୁସ୍ଥାନ ବୁଲି ପାରୁନାହାନ୍ତି । ଏଥିସହ ଗୋଟିଏ ୧୦୨ ଆମ୍ବୁଲାନ୍ସ ଦୁଇଟି ବ୍ଲକରେ ୪୦ରୁ ଉର୍ଦ୍ଧ୍ୱ ଗ୍ରାମ ନିମନ୍ତେ ଅପରିହାର୍ଯ୍ୟ ହୋଇପଡୁଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରାମଗିରି, ଛେଳିଗଡ଼ ଓ ଡ଼େରେବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ଛେଳିଗଡ଼ ଓ ଡ଼େରେଭା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଏହି ଦୁଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଦୁଇଜଣ ଡ଼ାକ୍ତର ଯାଇ ଚିକିତ୍ସା କରୁଥିବା ଜଣାପଡ଼ିଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତଧରଣର ସେବା ଯୋଗାଇ ଦେବା ନିମନ୍ତେ ବିଭାଗ ପକ୍ଷରୁ ଦୀର୍ଘବର୍ଷ ହେଲା କୌଣସି ପଦକ୍ଷେପ ନିଆଯାଉ ନାହିଁ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଗଲେ ମଧ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଆର.ଉଦୟଗିରି ଅଞ୍ଚଳର ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ଭାରପ୍ରାପ୍ତ ଚିକିତ୍ସାଧିକାରୀ ନିରଞ୍ଜନ ପାଥଲଙ୍କ ସହ ଯୋଗାଯୋଗ କରିବାରୁ ଏ ବିଷୟ ନେଇ ଜିଲା ଚିକିତ୍ସାଧିକାରୀଙ୍କୁ ଜଣାଇଛୁ। ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦୁଇଜଣ ଡ଼ାକ୍ତରଙ୍କ ମଧ୍ୟରୁ ଜଣଙ୍କର ଅନ୍ୟଆଡ଼େ ବଦଳି ହୋଇଯାଇଛି ବୋଲି କହିଥିଲେ ।

## ଦଣ୍ଡାସି କୁଳ ମହାସଂଘର ବୈଠକ

**ଛତ୍ରପୁର,୨୫।୯(ଡି.ଏନ.ଏ)**

ଛତ୍ରପୁର ବ୍ଲକ ଚମାଖଣ୍ଡି ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦଣ୍ଡାସି କୁଳ ମହାସଂଘ ମନୁସୋର କୋଟା ତାଲୁକା ନୂତନ ସଂଗଠନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ କରାଯାଇଥିଲା । ଏହି ଅବସରରେ କାଳୁ ଚରଣ ନାୟକଙ୍କୁ ସଭାପତି, ଯୁଧିଷ୍ଠିର ନାୟକଙ୍କୁ ସାଧାରଣ ସମ୍ପାଦକ, ଗୋବିନ୍ଦ ନାୟକ କୋଷାଧକ୍ଷ, ବୁଲୁ ନାୟକ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା । ପରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଏକ ଟିମ୍ ଗଠନ ହୋଇଥିଲା । କୃଷ୍ଣ ଚନ୍ଦ୍ର ନାୟକ, ବନମାଳୀ ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ବାବୁ ନାୟକ, ରମେଶ ନାୟକ, ଚରଣ ନାୟକ, ନୀର ନାୟକ, ସୁଦର୍ଶନ ନାୟକ, ସୁଶାନ୍ତ ନାୟକ, ରାଜୁ ନାୟକ, ପରୀ ନାୟକ ଟିମରେ ରହିଛନ୍ତି।

## ଖୋଲା ଶୌଚମୁକ୍ତ ୱାର୍ଡ ସମ୍ପର୍କିତ ଆଲୋଚନା ସଭା



ସଭାରେ ନିର୍ବାହୀ ଅଧିକାରୀଙ୍କ ଉଦ୍‌ବୋଧନ ।

**ଦିଗପହଣ୍ଡି,୨୫।୯(ଡି.ଏନ.ଏ.)**

ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ଶନିବାର ସ୍ଥାନୀୟ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଯୋଜନାରେ ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା ନିମନ୍ତେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ ଚନ୍ଦ୍ର ଡାକୁଆ ସଭାରେ ଅଧକ୍ଷତା କରିଥିଲେ। ଏନ୍‌ଏସି ଅଧୀନ ୧ନଂ. ୱାର୍ଡ କାଉନସିଲର ନିରୁପମା ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଇଂ. ପବିତ୍ରା ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଦେବକୀ ନାୟକ, ସହକାରୀ ଶିକ୍ଷୟିତ୍ରୀ କେ. ଶ୍ୟାମଳା ସେନାପତି, ଅଙ୍ଗନୱାଡି ସୁପରଭାଇଜର କନକଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଏନ୍‌ଏସି ଅଧୀନ ୧ନଂ ୱାର୍ଡକୁ ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା କରାଯାଇଥିଲା। ଏନଏସି ଗୋଷ୍ଠୀ ସଂଯୋଜିକା ସ୍ନେହଲତା ମିଶ୍ର ଧନ୍ୟବାଦ ଦେଇଥିଲେ। ଏନଏସି କର୍ମଚାରୀବୃନ୍ଦ ଓ ବହୁ ସଂଖ୍ୟକ ୱାର୍ଡବାସିନ୍ଦା ଉପସ୍ଥିତ ଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

**ଗଞ୍ଜାମ,୨୫।୯(ଡି.ଏନ.ଏ.)**

ଗଞ୍ଜାମ ସ୍ଥିତ ଭାରତୀ ବିଦ୍ୟାପୀଠ ସ୍କୁଲ ପରିସରରେ ବାଲଜ୍ୟୋତି ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସୋମବାର ବିଡିଓ ଜ୍ୟୋତି ଶଙ୍କର ରାଏ ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ବ୍ଲକ ତିନି ପଞ୍ଚାୟତ ଯଥା ହୁମା, ପାଳିବନ୍ଧ ଓ କାଇଁଚପୁର ଏବଂ ଗଞ୍ଜାମ ଏନ୍‌ଏସି ଅଧୀନରେ ଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ୨୦୩ ଜଣଙ୍କର ନାମ ପଞ୍ଜୀକରଣ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧୮୯ଜଣଙ୍କୁ ଚଷମା ପ୍ରଧାନ କରାଯାଇଥିବା ବେଳେ ୩୨ଜଣଙ୍କୁ ଔଷଧ ଦିଆଯାଇଥିଲା। ଶିବିରରେ ବ୍ରହ୍ମପୁର ସିଟି ହସ୍ପିଟାଲ ଡାକ୍ତର ସୌଦାମିନୀ ପଣ୍ଡା ଚକ୍ଷୁ ପରୀକ୍ଷା କରିଥିଲେ। ଭିନ୍ନକ୍ଷମ ବିଭାଗ ଜିଲା ସଂଯୋଜକ ତପନ କୁମାର ସାହୁ, ବିଆରସିସି ତ୍ରିଲୋଚନ ତ୍ରିପାଠୀ, ବ୍ଲକ ରିସର୍ଚ୍ଚ ଟିଚର ବିଜୟ ବେହେରା, ମାନସ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ ସଚେତନତା ସଭା



ସଭାରେ ଦାସକାଠିଆ କଳାକାରଙ୍କୁ ମାନପତ୍ର ପ୍ରଦାନ।

**ଦିଗପହଣ୍ଡି,୨୫।୯(ଡି.ଏନ.ଏ.)**

ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ରବିବାର କୋଟିନଡ଼ା ଗ୍ରାମ ରାଧାକୃଷ୍ଣ ମନ୍ଦିର ନିକଟରେ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡିସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ରଞ୍ଜନ କୁମାର ପ୍ରଧାନ ସଭାରେ ଅଧକ୍ଷତା କରିଥିଲେ। ଏସିଡ ଆକ୍ରମଣ ପୀଡ଼ିତଙ୍କୁ ଆଇନଗତ ସହାୟତା-୨୦୧୬ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ମାଜିଷ୍ଟ୍ରେଟ ସଚେତନ କରାଇଥିଲେ। ପରେ ବିଭିନ୍ନ ଫୌଜଦାରି ଓ ଦେୱାନୀ ଆଇନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ସଭା ପରେ ଦାସକାଠିଆ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ ଆଇନ ସହାୟତା ସମ୍ପର୍କରେ ସଚେତନ କରାଯାଇଥିଲା। ସରକାରୀ ଓକିଲ ନକୁଳ ପ୍ରଧାନ, ଆଇନଜୀବୀ ରସାନନ୍ଦ ରାଉତ, ହର ପ୍ରସାଦ ରଥ, ସରପଞ୍ଚ ପ୍ରତିନିଧି ଉମାକାନ୍ତ ବିଶୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। କୋର୍ଟ କର୍ମଚାରୀ କଶୋର ଚନ୍ଦ୍ର ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଦାସକାଠିଆ କଳାକାର ଦ୍ୱୟଙ୍କୁ ମାଜିଷ୍ଟ୍ରେଟ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଜାତୀୟ ସେବା ଯୋଜନା ଦିବସ

**ବୁଗୁଡ଼ା,୨୫।୯(ଡି.ଏନ.ଏ.)**

ବୁଗୁଡ଼ା ପିପୁଲ୍ସ କଲେଜରେ ସୋମବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଏକ କାର୍ଯ୍ୟକ୍ରମ ସମ୍ପୃକ୍ତ କଲେଜରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧକ୍ଷ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଲୋକନାଥ ବେହେରା, ଅନୀଲ କୁମାର ସେଠୀ ଓ ଅନିତା ଦେବୀ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ସମାଜକୁ ସ୍ୱଚ୍ଛତା ରଖିବାକୁ ହେଲେ ଏହାକୁ ଏକ ସେବା ଓ ପ୍ରତ୍ୟେକ କ୍ଷେତ୍ରରେ ସୁବ୍ୟବସ୍ଥିତ କରି କାର୍ଯ୍ୟରେ ଲଗାଇବା ଆବଶ୍ୟକ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୩ ଜଣ ପ୍ରୋଗ୍ରାମ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ହତାର ସମୂହ ସଫେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା।

## ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ପ୍ରସ୍ତୁତି

**ଛତ୍ରପୁର,୨୫।୯(ଡି.ଏନ.ଏ)**

ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶ ଅଧକ୍ଷତା କରିଥିଲେ। ଗୋପାଳପୁର ଗଞ୍ଜାମର ମୁଖ୍ୟ ଆକର୍ଷଣ ହୋଇଥିବାରୁ ସେଠାରେ ପର୍ଯ୍ୟଟନ ଦିବସ ପାଳନ କରାଯିବ। ୨୬ ଓ ୨୭ ତାରିଖ ଦୁଇ ଦିନ ଧରି ଗୋପାଳପୁରଠାରେ ବିଭିନ୍ନ କାର୍ଯ୍ୟକ୍ରମ ହେବ । ୨୬ ତାରିଖରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ସକାଳ ୭ଟାରୁ ଆରମ୍ଭ ହେବ। ଏଥିରେ ସ୍ଥାନୀୟ ଜନସାଧାରଣ, ଗୋପାଳପୁର ଏନଏସି, ବ୍ରହ୍ମପୁର ମହାନଗର ନିଗମ, ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଗୋପାଳପୁର ମହାବିଦ୍ୟାଳୟକୁ ସାମିଲ କରାଯିବ । ୨୭ ତାରିଖରେ ବରିଷ୍ଠ ନାଗରିକ, ଅନ୍ୟାନ୍ୟ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, କର୍ମଚାରୀଙ୍କୁ ନେଇ ବେଳାଭୂମି ପଦଯାତ୍ରା ହେବ । ସ୍କେଟିଂ, ଏରୋବିକ କାର୍ଯ୍ୟକ୍ରମ ସହିତ ବିଚ୍ ଭଲିବଲ କ୍ରୀଡା ଆୟୋଜନ ହେବ । ଜିଲା ସଂସ୍କୃତି ପରିଷଦ ତରଫରୁ ଗୋପାଳପୁର ମୁକ୍ତାକାଶ ରଙ୍ଗମଞ୍ଚରେ ଲୋକ ନୃତ୍ୟ ଓ ଲୋକ ସଙ୍ଗୀତ ପରବେଷଣ କରାଯିବ। କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଅଧିକ ମାତ୍ରାରେ ସାମିଲ କରିବାକୁ ଅତିରିକ୍ତ ଜିଲପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ବ୍ରହ୍ମପୁର ଉନ୍ନୟନ ସଂସ୍ଥାର ସଚିବ ସମ୍ବିତ ରାଉତରାୟ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ପର୍ଯ୍ୟଟନ ବିଭାଗ ଆସିଷ୍ଟାଣ୍ଟ ଡାଇରେକ୍ଟର ସନାତନ ନାୟକ, ଗଞ୍ଜାମ ଜିଲା ହୋଟେଲ ଆସୋସିଏଶନ ସଭାପତି ଉମାଶଙ୍କର ପାଣିଗ୍ରାହୀ, ଗଞ୍ଜାମ ଜିଲା ଟୁର୍ ଆଣ୍ଡ ଟ୍ରାଭେଲ୍ସ ଆସୋସିଏଶନ ସଭାପତି ନାରାୟଣ ମହାନ୍ତ୍ରୁଡ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଘୁମୁସର ଗବେଷଣା ପ୍ରତିଷ୍ଠାନର ବୈଠକ

**ଭଞ୍ଜନଗର,୨୫।୯(ଡି.ଏନ.ଏ.)**

ଘୁମୁସର ଗବେଷଣା ପ୍ରତିଷ୍ଠାନର ଏକ ବୈଠକ ରବିବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ଡ. ନୀଳାଞ୍ଚଳ ମୁନି ଅଧକ୍ଷତା କରିଥିଲେ। ଆସନ୍ତା ରବିବାର ଡ.ଶ୍ୟାମା ପ୍ରସାଦ ମିଶ୍ରଙ୍କ ଦ୍ୱାରା ଲିଖିତ ସନ୍ଦର୍ଭ ଉପରେ ଆଲୋଚନା ହେବ। ପ୍ରତ୍ୟେକ ମାସରେ ଏକ ଆଲୋଚନାଚକ୍ର ହେବ। ଜାନୁୟାରୀ ପ୍ରଥମ ସପ୍ତାହରେ ହେବାକୁ ଥିବା ଘୁମୁସର ଗବେଷଣା ପ୍ରତିଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଏକ ସ୍ମରଣିକା ଉନ୍ମୋଚିତ ହେବ। ଏଥିପାଇଁ ଅନୁଷ୍ଠାନର ସଭ୍ୟାସଭ୍ୟମାନେ ନିଜ ନିଜ ଲେଖାକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଦେବାପାଇଁ ବୈଠକରେ କୁହାଯାଇଥିଲା । ଡ. ଶ୍ୟାମା ପ୍ରସାଦ ମିଶ୍ର, ଡ.ପ୍ରଭାକର ମହାପାତ୍ର, ଡ.ଦାମୋଦର ଷଡ଼ଙ୍ଗୀ, ଡ.ଶିରିଶ ଷଡ଼ଙ୍ଗୀ, ଅଶୋକ ସ୍ୱାଇଁ, ଅଶୋକ କୁମାର ବିଶ୍ୱାଳ, ବିପିନ ବିହାରୀ ପାଢ଼ୀ, ନେତାଜୀ ବିଷୋୟୀ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ପ୍ରାରମ୍ଭରେ ଦକ୍ଷିଣାଞ୍ଚଳର ୫ ଇତିହାସ ବିଭାଗ ଅଧାପକଙ୍କ ବିୟୋଗରେ ଏକ ମିନଟ ନୀରବ ପ୍ରାର୍ଥନା ହୋଇଥିଲା । ଶେଷରେ ଡ.ରବୀନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ ; ୫ ଗିରଫ

**କୁକୁଡ଼ାଖଣ୍ଡି,୨୫।୯(ଡି.ଏନ୍.ଏ.)**

ଆଙ୍କୁଶପୁର ସଦର ପୋଲିସ ମଙ୍ଗଳବାର ଅପରାହ୍ନରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେଠାରୁ ୬୩୦୦ ଟଙ୍କା ଜବତ ହୋଇଛି। ଥାନା ଅଧିକାରୀ ଶିବ ଶଙ୍କର ମହାପାତ୍ରଙ୍କ ସୂଚନା ପ୍ରକାରେ, ଅନେକ ଦିନ ହେଲା ପାଣ୍ଡିଆଝୋଲି ନିକଟବର୍ତ୍ତୀ ଏକ ମଶାଣି ମଣ୍ଡପରେ ଜୁଆଆଡ୍ଡା ଚାଲିଥିଲା। ଖବର ପାଇ ପୋଲିସ ଚଢ଼ାଉ କରିବାବେଳେ ୫ଜଣ ଧରାପଡ଼ିବା ସହ ଅନ୍ୟମାନେ ଖସି ପଳାଇଥିଲେ। ଏନେଇ ନଂ.୨୧୩/୧୮ରେ ଏକ ମାମଲା ରୁଜୁ ହୋଇଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି।

## ଏନ୍‌ଏସ୍‌ଏସ୍ ଦିବସ ପାଳିତ



ସାବିତ୍ରୀ ମହିଳା କଲେଜ ଛାତ୍ରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

**ଭଞ୍ଜନଗର,୨୫।୯(ଡି.ଏନ.ଏ.)**

ଭଞ୍ଜନଗର ଅଞ୍ଚଳର ବିଭିନ୍ନ କଲେଜରେ ସୋମବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ପାଳିତ ହୋଇଯାଇଛି। ସାବିତ୍ରୀ ମହିଳା କଲେଜ ଛାତ୍ରୀମାନେ ସକାଳେ ବିଭିନ୍ନ ସଚେତନତା ବାର୍ତ୍ତା ନେଇ ସହରରେ ଶୋଭାଯାତ୍ରା କରିଥିଲେ। ପରେ କଲେଜରେ ଅଧକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ସୁଧୀର ଚନ୍ଦ୍ର ଭୋଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଜନା ଅଧିକାରିଣୀ ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ପଟ୍ଟନାୟକ, ଜୟଲକ୍ଷ୍ମୀ ରଥ, ସନ୍ଧ୍ୟାରାଣୀ ପ୍ରଧାନ, ଅଧ୍ୟାପକ ଅମୂଲ୍ୟ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଆୟୋଜିତ ସଭାରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ । ଯୋଜନା ଅଧିକାରିଣୀ ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ, ଅଧ୍ୟାପକ ଡ. ରବୀନ୍ଦ୍ର କୁମାର ମିଶ୍ର, ଶୂଳପାଣି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଏକ ରାଲି ବାହାରିଥିଲା । ସେହପରି ବିଡ଼ିପୁରସ୍ଥିତ ତେନ୍ତୁଲିଆ ଶାସନ ଦେବସ୍ଥାନ କଲେଜରେ ଆୟୋଜିତ ସଭାରେ ଅତିଥି ମାନେ ଯୋଗଦେଇ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ କହିଥିଲେ ।

## ସ୍ୱାମୀ ଚିଦାନନ୍ଦ ଜୟନ୍ତୀ ପାଳିତ

**ଦିଗପହଣ୍ଡି,୨୫।୯(ଡି.ଏନ.ଏ.)**

ପୋଲସରା ସହରସ୍ଥିତ ଚିଦାନନ୍ଦ ଆଶ୍ରମରେ ଦିବ୍ୟ ଜୀବନ ସଂଘ ପକ୍ଷରୁ ସୋମବାର ୧୦୨ତମ ଚିଦାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃ ୬ଟାରେ ନଗର କୀର୍ତ୍ତନ ସହ ଷୋଡ଼ଶ ଉପଚାରରେ ଗୁରୁପାଦ ପୂଜା, ଜୟ ଗଣେଶ ପ୍ରାର୍ଥନା ସହ ବିଭିନ୍ନ ପୂଜାପାଠ ହୋଇଥିଲା। ଚିଦାନନ୍ଦ ଜୟନ୍ତୀ ଅବସରରେ ସ୍ୱାମୀ ଚିଦାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା। ଏଥିରେ ଦିବ୍ୟ ଜୀବନ ସଂଘ ପୋଲସରା ଶାଖାର ସଭାପତି ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପସଭାପତି ସାରଙ୍ଗ ପାଣି ଦାସ, ସମ୍ପାଦକ ସୁବ୍ରତ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନଙ୍କ ସମେତ ବହୁ ଗୁରୁ ଭଉଣୀ ଭାଇମାନେ ଅଂଶଗ୍ରହଣ କରିଥିଲେ।

## ପୂର୍ବତନ ସୈନିକ ସଂଘର ସଚେତନତା ଶୋଭାଯାତ୍ରା


ପୂର୍ବତନ ସୈନିକ ସଂଘ ପକ୍ଷରୁ ବାହାରିଥିବା ରାଲି।

**ବୁଗୁଡ଼ା,୨୫।୯(ଡି.ଏନ.ଏ.)**

ବୁଗୁଡ଼ା ପୂର୍ବତନ ସୈନିକ ସଂଘ ପକ୍ଷରୁ ସୋମବାର ବୁଗୁଡ଼ାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ତା'ର କାର୍ଯ୍ୟକ୍ରମ ଅନୁଯାୟୀ ଏକ ଶୋଭାଯାତ୍ରାରେ ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ମାନିବା, ହେଲମେଟ ବ୍ୟବହାର ଓ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ବୃଦ୍ଧାବସ୍ଥାରେ ପିତାମାତାଙ୍କୁ ସେବା କରିବା, ରାସ୍ତାରେ ଅଳିଆ ନ ପକାଇବା, ତମାଖୁ ବର୍ଜନ କରିବା, ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା, ପରିବେଶକୁ ସଫା ରଖିବା, କନ୍ୟାଭ୍ରୂଣ ହତ୍ୟା ବନ୍ଦ କରିବା, ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା, ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ପ୍ରତି ଦୃଷ୍ଟି ଦେବା, ପଲିଥିନ ମୁକ୍ତ ପ୍ରତି ଧ୍ୟାନ ଦେବା ନେଇ ସାରା ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟର ସଭ୍ୟମାନେ ସହଯୋଗ କରିଥିଲେ।

